USAID FROM THE AMERICAN PEOPLE | BILL & MELINDA GATES foundation | CSISA Cereal Systems Initiative for South Asia | CIMMYT International Maize and Wheat Improvement Center | IFPRI | IRRI

# ଅଧିକ ଅମଳ ପାଇଁ ହାଇବ୍ରିଡ ମକା ଚାଷ

## ଉପଯୁକ୍ତ ଗଛ ସଂଖ୍ୟା

ଧାଡ଼ିକୁ ଧାଡ଼ି ୬୦ ସେମି ଓ ଗଛକୁ ଗଛର ବ୍ୟବଧାନ ୨୦ ସେମି ରଖନ୍ତୁ ।

ଏକର ପିଛା ୩୦,୦୦୦ରୁ ୩୨୦୦୦ଗଛ ରଖନ୍ତୁ ।

ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁ ମକା ମଞ୍ଜିକୁ ସୀଡ ଡ୍ରିଲ ବ୍ୟବହାର କରିବା ଲଙ୍ଗଳ ସିଆର ପଛରେ ଧାଡ଼ିରେ ବୁଣନ୍ତୁ ।

ମଞ୍ଜିକୁ ଅଳ୍ପ ଗଭୀରରେ ୪-୫ ସେମି ଭିତରେ ବୁଣନ୍ତୁ ।



ସୀଡ ଡ୍ରିଲ ଦ୍ୱାରା ମକା ବୁଣା

## ଖାଦ୍ୟସାର ପରିଚାଳନା

ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୫ ରୁ ୬ ଶଗଡ଼ ଗାଡ଼ି (୨୫ ରୁ ୩୦ କୁଇଣ୍ଟାଲ) ଶଢ଼ା ଗୋବର ଖତ ଜମିରେ ପକାନ୍ତୁ ।

ଏକର ପ୍ରତି ୬୦ କି.ଗ୍ରା ଯବକ୍ଷାରଯାନ, ୨୫କିଗ୍ରା ଫସଫରସ ଓ ୨୫ କିଗ୍ରା ପୋଟାସ ବ୍ୟବହାର କରନ୍ତୁ ।

ମୂଳସାର : ଡି.ଏ.ପି.- ୫୫ କିଗ୍ରା, ଏମ.ଓ.ପି.-୨୨ କିଗ୍ରା

ହୁଡ଼ା ଟେକା ବେଳେ (ବୁଣିବାର ୨୦-୨୫ ଦିନ ପରେ, ଗଛ ଆଣ୍ଠୁ ଉଚ୍ଚତାର ହେଲାପରେ): ଇଉରିଆ -୫୫ କି.ଗ୍ରା

ଗଛରେ ଅଣ୍ଡିରା ଫୁଲ ବା ଧାନିଆ ଆସିବା ପୂର୍ବରୁ (ବୁଣିବାର ୪୫-୫୦ ଦିନ ପରେ,): ଇଉରିୟା -୫୫କିଗ୍ରା ଓ ଏମ.ଓ.ପି.-୨୨କି.ଗ୍ରା





## ଘାସ ପରିଚାଳନା

ବୁଣିବାର ୧ ରୁ ୨ ଦିନ ଭିତରେ ବା ୧୫ ଦିନ ପରେ ଏକର ପ୍ରତି ୪୦୦ ଗ୍ରାମ ଆଟ୍ରାଜିନ ଜାତୀୟ ଔଷଧ ବ୍ୟବହାର କରନ୍ତୁ (ଲିଟର ପ୍ରତି ୨ ଗ୍ରାମ ହିସାବରେ) ।

ଜମିରେ ବତର ଥିବା ଅବସ୍ଥାରେ ଏହି ଘାସମରା ଔଷଧ ବ୍ୟବହାର କରନ୍ତୁ । ଶୁଖିଲା ଜମିରେ ବିହନ ବୁଣୁଥିଲେ ବର୍ଷା ହେବା ପରଦିନ ଘାସମରା ଔଷଧ ବ୍ୟବହାର କରାଯାଇପାରେ ।

ଔଷଧ ସ୍ପ୍ରେ କରିବା ପାଇଁ ଫ୍ଲାଟ ଫ୍ୟାନ ନୋଜଲ ବ୍ୟବହାର କରନ୍ତୁ ।

ବୁଣିବାର ୨୫ ରୁ ୩୦ ଦିନ ପରେ ଘାସ ବାଛିବା ସହିତ ଜମିକୁ କୋଡାଖୋସା କରାଯିବା ଉଚିତ ।

ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:
www.csisa.org
Email: cimmyt-csisa@cgiar.org

ଏହା CIMMYT, IRRI ଏବଂ IFRIର ମିଳିତ ପ୍ରକଳ୍ପ CSISA ଦ୍ୱାରା ପ୍ରକାଶିତ ।
CSISA ପ୍ରକଳ୍ପଟି USAID ଏବଂ BMGFର ଆର୍ଥିକ ଅନୁଦାନ ପ୍ରାପ୍ତ ଅଟେ ।